# NATIONAL NEWS BULLETIN (ODIA)

**13 March - 2026**

**Mid Bulletin : 1.50 p.m.**

---

## ମୁଖ୍ୟ ସମ୍ବାଦ

- ବିରୋଧୀ ଦଳ ପକ୍ଷରୁ ହଟ୍ଟଗୋଳ ଯୋଗୁଁ ସଂସଦର ଉଭୟ ଗୃହ ଅପରାହ୍ଣ ୨ଟା ପର୍ଯ୍ୟନ୍ତ ମୁଲତବୀ

- ପ୍ରଧାନମନ୍ତ୍ରୀ କୃଷକମାନଙ୍କୁ ଆଜି ପ୍ରଦାନ କରିବେ ପି.ଏମ୍. କିଷାନ ସମ୍ମାନ ନିଧି ଯୋଜନାର ୨୨ତମ କିସ୍ତିର ସହାୟତା ରାଶି

- ଭୋକାଲ୍ ଫର ଲୋକାଲ୍ ଏବଂ ଆତ୍ମନିର୍ଭର ଭାରତ ଦେଶର ହସ୍ତତନ୍ତ କ୍ଷେତ୍ରକୁ ସୁଦୃଢ଼ କରିଛି, କହିଲେ ବୟନଶିଳ୍ପ ମନ୍ତ୍ରୀ

- ପେରୁର ୨୮୩ଟି ଜିଲ୍ଲାରେ ଜରୁରୀକାଳୀନ ପରିସ୍ଥିତି ଜାରି

ଏବଂ

- ସ୍ୱିସ୍ ଓପନ୍ ପୁରୁଷ ଡବଲ୍ସ କ୍ୱାର୍ଟର ଫାଇନାଲ୍ ମ୍ୟାଚ୍‌ରେ ଆଜି ଭାରତ ଓ ଡେନ୍‌ମାର୍କ ମଧ୍ୟରେ ହେବ ମୁକାବିଲା ।

## ଏଲ୍‌ଏସ୍-ଆର୍‌ଏସ୍ ଆଡଜର୍ଣ୍ଣ

ସଂସଦରେ ବିଭିନ୍ନ ପ୍ରସଙ୍ଗ ନେଇ ବିରୋଧୀଦଳ ପକ୍ଷରୁ ହଟ୍ଟଗୋଳ ଜାରି ରହିବାରୁ ଉଭୟ ଲୋକସଭା ଓ ରାଜ୍ୟସଭାକୁ ଅପରାହ୍ଣ ୨ଟା ପର୍ଯ୍ୟନ୍ତ ମୁଲତବୀ ଘୋଷଣା କରାଯାଇଛି । ଲୋକସଭାରେ ଆଜି ଦିନ ୧୧ଟା ବେଳେ ଗୃହକାର୍ଯ୍ୟ ଆରମ୍ଭ ହେବା କ୍ଷଣି ବାଚସ୍ପତି ଓମ୍ ବିର୍ଲା

ପ୍ରଶ୍ନୋତ୍ତର କାର୍ଯ୍ୟ କରାଇବାକୁ ଚେଷ୍ଟା କରିଥିଲେ, କିନ୍ତୁ ବିରୋଧୀ ଦଳର ସଦସ୍ୟମାନେ ବିଭିନ୍ନ ପ୍ରସଙ୍ଗ ନେଇ ହୋହଲ୍ଲା କରିଥିଲେ । ଶ୍ରୀ ବିର୍ଲା କହିଥିଲେ, ପ୍ରଶ୍ନକାଳ ଏକ ଗୁରୁତ୍ୱପୂର୍ଣ୍ଣ ସମୟ, ଯେଉଁଠାରେ ବିଭିନ୍ନ ଜାତୀୟ ଓ ଆଞ୍ଚଳିକ ପ୍ରସଙ୍ଗଗୁଡ଼ିକ ଉପରେ ସଦସ୍ୟମାନେ ନିଜର ମତାମତ ଉପସ୍ଥାପନ କରିଥାନ୍ତି । କେତେକ ସଦସ୍ୟ ଗୃହରେ ବିଶୃଙ୍ଖଳା ସୃଷ୍ଟି କରୁଥିବାରୁ ଏହା ସଂସଦର ମର୍ଯ୍ୟାଦା ଉଲ୍ଲଂଘନ କରୁଛି ବୋଲି ସେ କହିଛନ୍ତି । ଗୃହର ମର୍ଯ୍ୟାଦା ନିଶ୍ଚିତ ଭାବରେ ରକ୍ଷା କରାଯିବା ଉଚିତ । ଗୃହରେ ଯୋଜନାବଦ୍ଧ ଭାବେ ବିଶୃଙ୍ଖଳା ସୃଷ୍ଟି କରାଯାଉଛି, ଯାହା ଯଥାର୍ଥ ନୁହେଁ ବୋଲି ଶ୍ରୀ ବିର୍ଲା କହିଛନ୍ତି ।

**V/O**

# ପିଏମ୍-ଚିଲି

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଚିଲିର ରାଷ୍ଟ୍ରପତି ଭାବେ ଯୋଶେ ଆଣ୍ଟୋନିଓ କାଷ୍ଟ୍ କାର୍ଯ୍ୟଭାର ଗ୍ରହଣ କରିଥିବାରୁ ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରି ଶ୍ରୀ ମୋଦୀ କହିଛନ୍ତି, ଦୁଇଦେଶ ମଧ୍ୟରେ ବନ୍ଧୁତ୍ୱପୂର୍ଣ୍ଣ ସଂପର୍କକୁ ସୁଦୃଢ଼ କରିବା ଲାଗି ସେ ଚିଲି ରାଷ୍ଟ୍ରପତିଙ୍କ ସହ କାର୍ଯ୍ୟ କରିବେ । ବାଣିଜ୍ୟ, ପ୍ରଯୁକ୍ତିବିଦ୍ୟା ଏବଂ ଶକ୍ତି ଆଦି ମୁଖ୍ୟ କ୍ଷେତ୍ରଗୁଡ଼ିକରେ ଦୁଇଦେଶ ମଧ୍ୟରେ  ସହଯୋଗ ବଜାୟ ରଖିବା ଲାଗି ପ୍ରଧାନମନ୍ତ୍ରୀ ଆଶା ବ୍ୟକ୍ତ କରିଛନ୍ତି ।

## ଆର୍‌ଏସ୍‌-ଗିରିରାଜ

କେନ୍ଦ୍ର ବୟନଶିଳ୍ପ ମନ୍ତ୍ରୀ ଗିରିରାଜ ସିଂ କହିଛନ୍ତି, ଭୋକାଲ୍ ଫର ଲୋକାଲ୍ ଏବଂ ଆତ୍ମନିର୍ଭର ଭାରତ ମନୋଭାବ ଦେଶର ହସ୍ତାତନ୍ତ କ୍ଷେତ୍ରକୁ ସୁଦୃଢ଼ କରିପାରିଛି ଏବଂ ଏହା ଦେଶରେ ଏକକ ପରିଚୟ ସୃଷ୍ଟି କରିଛି । ରାଜ୍ୟସଭାରେ ଆଜି ଏକ ଅତିରିକ୍ତ ପ୍ରଶ୍ନର ଉତ୍ତର ଦେଇ ଶ୍ରୀ ସିଂ କହିଛନ୍ତି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱକ୍ରମେ ୨୦୧୫ ମସିହାରେ ପ୍ରଥମଥର ଲାଗି ଦେଶରେ ଜାତୀୟ ହସ୍ତତନ୍ତ ଦିବସ ପାଳନ କରାଯାଇଥିଲା । ହସ୍ତତନ୍ତ କାରିଗରମାନଙ୍କ କଠିନ ପରିଶ୍ରମ, ଅବଦାନ ଏବଂ ଐତିହ୍ୟ ପାଇଁ ଦେଶ ଗର୍ବିତ ଏବଂ ରାଷ୍ଟ୍ର ସେମାନଙ୍କୁ ମାନ୍ୟତା ପ୍ରଦାନ କରିବା ସହ ପ୍ରଶଂସିତ କରିଥାଏ ବୋଲି ସେ କହିଛନ୍ତି । ବିଶ୍ୱ ହସ୍ତତନ୍ତ ସାମଗ୍ରୀର ପ୍ରାୟ ୯୫ ପ୍ରତିଶତ ଭାରତରୁ ଉତ୍ପାଦିତ ହେଉଛି ବୋଲି ସେ ସୂଚନା ଦେଇଛନ୍ତି । ଭାରତର ହସ୍ତତନ୍ତ କ୍ଷେତ୍ର ହେଉଛି ମହିଳା କେନ୍ଦ୍ରିକ କ୍ଷେତ୍ର । ପ୍ରାୟ ୭୦ ପ୍ରତିଶତ ମହିଳା ଏ କ୍ଷେତ୍ରରେ କାର୍ଯ୍ୟ କରିଥାନ୍ତି । ଦେଶରେ ବର୍ତ୍ତମାନ ୨୮ଲକ୍ଷରୁ ଉର୍ଦ୍ଧ୍ୱ ହସ୍ତତନ୍ତ ରହିଥିବା ବେଳେ ଗ୍ରାମାଞ୍ଚଳରେ ୨୫ ଲକ୍ଷ ରହିଛି । ଏ କ୍ଷେତ୍ରରେ ପ୍ରାୟ ୩୫ ଲକ୍ଷ ୨୨ ହଜାର ହସ୍ତତନ୍ତ କାରିଗର କାର୍ଯ୍ୟ କରୁଥିବା ମନ୍ତ୍ରୀ ଶ୍ରୀ ସିଂ କହିଛନ୍ତି ।

## ଏମ୍‌ଏଚ୍‌-ସେଣ୍ଟ୍ରାଲ୍ ଆସିଷ୍ଟାନ୍ସ

ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହାଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚସ୍ତରୀୟ କମିଟିରେ ଆନ୍ଧ୍ରପ୍ରଦେଶ, ଛତିଶଗଡ଼, ହିମାଚଳପ୍ରଦେଶ, ନାଗାଲ୍ୟାଣ୍ଡ ଏବଂ ଜାମ୍ମୁ ଓ କାଶ୍ମୀର ପାଇଁ ୧ ହଜାର ୯୧୨ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ଅତିରିକ୍ତ କେନ୍ଦ୍ରୀୟ ସହାୟତା ମଂଜୁର କରାଯାଇଛି । ଏହିସବୁ ରାଜ୍ୟଗୁଡ଼ିକ

ଗତବର୍ଷ ବନ୍ୟା, ବାଦଲଫଟା ବର୍ଷା, ଘୂର୍ଣ୍ଣିଝଡ଼ 'ମନ୍ଥା', ଭୂସ୍ଖଳନ ଦ୍ୱାରା ପ୍ରଭାବିତ ହୋଇଥିଲା । ଆନ୍ଧ୍ରପ୍ରଦେଶ ପାଇଁ ୩୪୧ କୋଟିରୁ ଊର୍ଦ୍ଧ୍ୱ ଟଙ୍କା, ଛତିଶଗଡ଼ ପାଇଁ ୧୫ କୋଟି ୭୦ଲକ୍ଷ, ଗୁଜରାଟ ପାଇଁ ୭୭୮ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ମଂଜୁର କରାଯାଇଛି । ସେହିପରି ହିମାଚଳ ପ୍ରଦେଶ ପାଇଁ ୨୮୮ କୋଟିରୁ ଊର୍ଦ୍ଧ୍ୱ, ନାଗାଲ୍ୟାଣ୍ଡ ପାଇଁ ୧୫୮ କୋଟିରୁ ଊର୍ଦ୍ଧ୍ୱ ଏବଂ ଜାମ୍ମୁ କାଶ୍ମୀର ପାଇଁ ୩୩୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଅନୁମୋଦନ କରାଯାଇଛି ।

୨୦୨୫-୨୬ ଆର୍ଥିକ ବର୍ଷରେ କେନ୍ଦ୍ର ସରକାର ରାଜ୍ୟ ବିପର୍ଯ୍ୟୟ ପ୍ରଶମନ ପାଣ୍ଠି- ଏସ୍‌ଡିଆରଏଫ୍ ଅଧୀନରେ ୨୮ଟି ରାଜ୍ୟକୁ ୨୦ହଜାର ୭୩୫ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ମଂଜୁର କରିଥିଲେ । ସେହିପରି ୨୧ଟି ରାଜ୍ୟକୁ ଜାତୀୟ ବିପର୍ଯ୍ୟୟ ପ୍ରଶମନ ପାଣ୍ଠି-ଏନ୍‌ଡିଆରଏଫ୍ ଅଧୀନରେ ୩ ହଜାର ୬୨୮ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଅନୁମୋଦନ କରାଯାଇଥିଲା ।

## ଆର୍‌ଏସ୍-ଅଶ୍ୱିନୀ ବୈଷ୍ଣବ

ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି, ଭାରତୀୟ ରେଳବାଇରେ ୨୪ଟି ରେଳ ଡିଭିଜନରେ ୯୦ ପ୍ରତିଶତରୁ ଊର୍ଦ୍ଧ୍ୱ ନିର୍ଦ୍ଧାରିତ ସମୟ କାର୍ଯ୍ୟଦକ୍ଷତା ପ୍ରତିପାଦିତ ହୋଇଛି, ଯାହାକି ସାମଗ୍ରିକ ଭାବେ ୭୭ ପ୍ରତିଶତ ସମୟାନୁବର୍ତ୍ତିତା ହାସଲ କରାଯାଇ ପାରିଛି । ରାଜ୍ୟସଭାରେ ପ୍ରଶ୍ନୋତ୍ତର କାଳରେ ଏକ ପ୍ରଶ୍ନର ଉତ୍ତର ଦେଇ ଶ୍ରୀ ବୈଷ୍ଣବ କହିଛନ୍ତି, ରେଳ ବିଭାଗର ସର୍ବାଧିକ ଟ୍ରେନ୍ ନିର୍ଦ୍ଧାରିତ ସମୟରେ ଷ୍ଟେସନଗୁଡ଼ିକରେ ପହଞ୍ଚି ସମୟାନୁବର୍ତ୍ତିତା ଦର୍ଶାଇଛନ୍ତି । ଏ କ୍ଷେତ୍ରରେ ବିଭିନ୍ନ ରଣନୀତି ମଧ୍ୟ ରେଳବାଇ ପକ୍ଷରୁ ଗ୍ରହଣ କରାଯାଇଛି । ପ୍ରଯୁକ୍ତିବିଦ୍ୟା ଭିତ୍ତିକ ବ୍ୟବସ୍ଥା,

ଟ୍ରେନ୍ ସମୟ ନିର୍ଦ୍ଧାରଣରେ ସମୟସାରଣୀରେ ଏ.ଆଇ. ଭିତ୍ତିକ ବିଶ୍ଳେଷଣ ଏବଂ ଉନ୍ନତ ପ୍ରଯୁକ୍ତିବିଦ୍ୟା ଯନ୍ତ୍ରାଂଶର ଉପଯୋଗ କରାଯାଇଥିବା ସେ ସୂଚନା ଦେଇଛନ୍ତି । ସେ କହିଛନ୍ତି, ୪୩ଟି ରେଳ ଡିଭିଜନରେ ୮୦ ପ୍ରତିଶତ ସମୟାନୁବର୍ତ୍ତିତା ହାସଲ ହୋଇପାରିଥିବା ବେଳେ ଗୋଟିଏ ଡିଭିଜନରେ ୯୫ ପ୍ରତିଶତ ହାସଲ କରାଯାଇ ପାରିଛି । ମଦୁରାଇ, ଯୋଧପୁର, ହୁଗୁଳି, ଭାବନଗର, କୋଟା, ଇଜ୍ଜତନଗର, ରାତ୍ଲାମ ଏବଂ ଆଜମେର ଡିଭିଜନରେ ସର୍ବାଧିକ ସମୟାନୁବର୍ତ୍ତିତା କାର୍ଯ୍ୟ ହୋଇପାରିତବବା ମନ୍ତ୍ରୀ ଶ୍ରୀ ବୈଷ୍ଣବ ସୂଚନା ଦେଇଛନ୍ତି ।

## ୟୁଏନ୍-ୱେଷ୍ଟ ଏସିଆ

ଜାତିସଂଘ ମହାସଚିବ ଆଣ୍ଟୋନିଓ ଗୁଟେରସ୍ ପଶ୍ଚିମ ଏସିଆ ପରିସ୍ଥିତି ନେଇ ଉଦ୍‌ବେଗ ପ୍ରକାଶ କରିଛନ୍ତି । ଏହି ପରିସ୍ଥିତି ବିଶ୍ୱର ଶାନ୍ତି ଓ ସୁରକ୍ଷା ପାଇଁ ବିପଦ ସୃଷ୍ଟି କରୁଛି । ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରି ଶ୍ରୀ ଗୁଟେରସ୍ କହିଛନ୍ତି, ପଶ୍ଚିମ ଏସିଆ ରାଷ୍ଟ୍ରଗୁଡ଼ିକରେ ଦେଖାଦେଇଥିବା ବିବାଦୀୟ ପରିସ୍ଥିତି ଯୋଗୁଁ ସାଧାରଣ ନାଗରିକ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଏଣୁ ରାଷ୍ଟ୍ରଗୁଡ଼ିକ ମଧ୍ୟରେ କଥାବାର୍ତ୍ତା ଜରିଆରେ ସମସ୍ୟାର ସମାଧାନ ଲାଗି ସେ ନିବେଦନ କରିଛନ୍ତି । ମଧ୍ୟପ୍ରାଚ୍ୟ ରାଷ୍ଟ୍ରଗୁଡ଼ିକରେ ଅଶାନ୍ତ ପରିସ୍ଥିତିର ମୁକାବିଲା ଲାଗି ଶ୍ରୀ ଗୁଟେରସ୍ କୂଟନୈତିକ ଆଲୋଚନାର ଆବଶ୍ୟକତା ଉପରେ ଗୁରୁତ୍ୱ ପ୍ରଦାନ କରିଛନ୍ତି । ଶ୍ରୀ ଗୁଟେରସ୍ କହିଛନ୍ତି, ମଧ୍ୟପ୍ରାଚ୍ୟ ରାଷ୍ଟ୍ରର ବିଭିନ୍ନ ଦଳୀୟ ନେତାମାନେ ଅଶାନ୍ତିଜନକ ପରିସ୍ଥିତିର ସମାଧାନ ପାଇଁ ବୁଝାମଣା ମାଧ୍ୟମରେ ଆନ୍ତର୍ଜାତିକ ଆଇନର ଆଶ୍ରୟ ନେବା ସହ ସାଧାରଣ ଜନତାଙ୍କ ସୁରକ୍ଷା ଉପରେ ଗୁରୁତ୍ୱ ପ୍ରଦାନ କରିବା ଉଚିତ ।

# ପେରୁ ଏମର୍ଜେନ୍ସୀ

ପେରୁର ୨୮୩ଟି ଜିଲ୍ଲାରେ ଜରୁରୀକାଳୀନ ପରିସ୍ଥିତି ଘୋଷଣା କରାଯାଇଛି । ଜନସାଧାରଣଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ପ୍ରବଳ ବର୍ଷା ହୋଇଥିବାରୁ ସରକାରଙ୍କ ପକ୍ଷରୁ ଏପରି ପଦକ୍ଷେପ ଗ୍ରହଣ କରାଯାଇଛି । ପେରୁର ଲିମା, ଆଙ୍କାସ୍, କୁସ୍କୋ ଏବଂ ଆରେକ୍ୱିପା ଆଦି ଅଞ୍ଚଳରେ ୬୦ ଦିନ ଧରି ଏହି ଜରୁରୀକାଳୀନ ପରିସ୍ଥିତି ଲାଗୁ କରାଯାଇଛି । ଜରୁରୀକାଳୀନ ପରିସ୍ଥିତି ସମୟରେ ପ୍ରାଦେଶିକ ଏବଂ ସ୍ଥାନୀୟ ସରକାର ଜାତୀୟ ବେସାମରିକ ପ୍ରତିରକ୍ଷା ସଂସ୍ଥାନ ଏବଂ ବିଭିନ୍ନ ମନ୍ତ୍ରଣାଳୟ ସହଯୋଗରେ ପ୍ରଭାବିତ ଅଞ୍ଚଳରେ ପୁନଃଥଇଥାନ କାର୍ଯ୍ୟ କରିବେ ।

# ବ୍ୟାଡମିଣ୍ଟନ

ବାସେଲ୍ଠାରେ ଆଜି ହେବାକୁ ଥିବା ସ୍ୱିସ୍ ଓପନ୍ ସୁପର୍ ଥ୍ରି ହଣ୍ଡ୍ରେଡ୍ର କ୍ୱାର୍ଟରଫାଇନାଲ୍ ପୁରୁଷ ଡବଲ୍ସ ମ୍ୟାଚ୍ରେ ଭାରତର ସାତ୍ତ୍ୱିକ ସାଇରାଜ୍ ରାଙ୍କିରେଡ୍ଡି ଓ ଚିରାଗ ସେଟ୍ଟୀଙ୍କ ଯୋଡ଼ି ଡେନ୍ମାର୍କର କ୍ରିଷ୍ଟିଆନ୍ ଜାଏର୍ ଏବଂ ରାସ୍ମୁସ୍ ଜାଏରଙ୍କ ଯୋଡ଼ିକୁ ଭେଟିବେ । ଅନ୍ୟପକ୍ଷରେ ପୁରୁଷ ବର୍ଗ ସିଙ୍ଗିଲ୍ସ କ୍ୱାର୍ଟର ଫାଇନାଲ୍ରେ ଭାରତର ଥରୁନ୍ ମାନେପାଲୀ ପ୍ରବେଶ କରିଛନ୍ତି । ସେ ମାଲେସିଆର ଖେଳାଳି ଜଷ୍ଟିନ୍ ହୋ'ଙ୍କୁ ୨୧-୧୪, ୨୨-୨୦ ସେଟ୍ରେ ପରାସ୍ତ କରି କ୍ୱାର୍ଟର ଫାଇନାଲ୍କୁ ଉନ୍ନୀତ ହୋଇଛନ୍ତି ।